# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 31 October - 2024

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରି ଆଜି ଦେଶ ପାଳନ କରୁଛି ଜାତୀୟ ଏକତା ଦିବସ

– ଏହି ଅବସରରେ ଲୌହମାନବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି, ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

- ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ ଲାଗି ୱେବପୋର୍ଟାଲ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

- ଉତ୍ସାହ ଓ ଉଦ୍ଦୀପନାର ସହ ସାରା ରାଜ୍ୟରେ ପାଳିତ ହେଉଛି ଆଲୋକର ପର୍ବ ଦୀପାବଳୀ

– ରାତି ୯ଟା ଯାଏଁ ବାଣ ଫୁଟାଇବାକୁ ମିଳିଛି ଅନୁମତି

ଏବଂ

- ହୀରାକୁଦ ଜଳଭଣ୍ଡାର ପଟ୍ଟୁମାଟିରେ ବିଷାକ୍ତ ପଦାର୍ଥ ମିଶୁଥିବା ଘଟଣାରେ ଉଦ୍‌ବେଗ ପ୍ରକାଶ କଲେ ରାଜସ୍ୱ ମନ୍ତ୍ରୀ

*Desk/BBSR/HS*

# ଜାତୀୟ ଏକତା ଦିବସ

ଭାରତ ସ୍ୱାଧୀନତା ପାଇବା ପରେ ଦେଶୀୟ ରାଜ୍ୟଗୁଡ଼ିକୁ ଭାରତୀୟ ସଂଘରେ ସାମିଲ କରିବାରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରି ଆଜି ତାଙ୍କର ଜୟନ୍ତୀ ଅବସରରେ ଦେଶ ଜାତୀୟ ଏକତା ଦିବସ ପାଳନ କରୁଛି। ୨୦୧୪ ମସିହାଠାରୁ ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖକୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ସର୍ଦ୍ଦାର ପଟେଲ ୫୬୫ରୁ ଅଧିକ ଦେଶୀୟ ରାଜ୍ୟକୁ ମିଶାଇ ଆଧୁନିକ ଭାରତର ମୂଳଦୁଆ ପକାଇଥିଲେ। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ଦେଶର ନାଗରିକମାନଙ୍କ ମଧ୍ୟରେ ଏକତା ଏବଂ ଅଖଣ୍ଡତାକୁ ପ୍ରୋତ୍ସାହିତ କରିବା'।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ନୂଆଦିଲ୍ଲୀସ୍ଥିତ ସର୍ଦ୍ଦାର ପଟେଲ ଚୌକରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ଷ୍ଟାଚ୍ୟୁ ଅଫ୍ ୟୁନିଟ୍‌କୁ ଯାଇ ଲୌହମାନବଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକତାର ଭାବନା ଉପରେ ଗୁରୁତ୍ୱାରୋପ କରିବା ସହ ଦେଶର ଅଖଣ୍ଡତାକୁ କ୍ଷୁର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଥିବା ବିଭାଜନକାରୀ ଶକ୍ତି

ବିରୋଧରେ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଆଗାମୀ ୨୫ ବର୍ଷ ମଧ୍ୟରେ ବିକଶିତ ଭାରତର ଲକ୍ଷ୍ୟ ହାସଲ ପାଇଁ ଜାତୀୟ ଏକତାର ଭାବନା ଗୁରୁତ୍ୱପୂର୍ଣ୍ଣ। ଗତ ୧୦ ବର୍ଷ ମଧ୍ୟରେ ତାଙ୍କ ସରକାର ନିଜର ସମସ୍ତ ନୀତି ଓ ନିଷ୍ପତ୍ତିରେ ଏକ ରାଷ୍ଟ୍ରର ଭାବନାକୁ କ୍ରମାଗତ ଭାବରେ ସୁଦୃଢ଼ କରିଚାଲିଛନ୍ତି  ବୋଲି ସେ କହିଛନ୍ତି।

ଜାତୀୟ ଏକତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ସମ୍ମୁଖରେ ଅନେକ ଆହ୍ୱାନ ରହିଛି ଯାହା ଦେଶର ଏକତା ଏବଂ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରୁଛି । ପ୍ରଧାନମନ୍ତ୍ରୀ ନାଗରିକମାନଙ୍କୁ ସତର୍କ ରହିବାକୁ ଏବଂ ବିବିଧତା ମଧ୍ୟରେ ଭାରତର ଏକତାର ଭାବନାକୁ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଦେଶ ନୂଆ ଇତିହାସ ରଚିବାରେ ଲାଗିଛି ଏବଂ ଭାରତ ଏକ ବିଶ୍ୱସ୍ତରୀୟ ନେତା ଭାବେ ଉଭା ହେଉଛି। ଭାରତ ଆଜି ପ୍ରଗତିଶୀଳ, ସମାବେଶୀ, ସହନଶୀଳ ଏବଂ ଅସ୍ଥିର ବିଶ୍ୱ ପରିସ୍ଥିତି ମଧ୍ୟରେ ଦ୍ରୁତ ବିକାଶ ପଥରେ ଗତି କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

ଦେଶକୁ ଏକଜୁଟ କରିବା ଦିଗରେ ସର୍ଦ୍ଦାର ପଟେଲଙ୍କ ମୂଲ୍ୟବାନ ଅବଦାନକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଗାମୀ ଦୁଇ

ବର୍ଷ ମଧ୍ୟରେ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ ସମଗ୍ର ଦେଶରେ ପାଳନ କରାଯିବ ।

ରାଷ୍ଟ୍ରୀୟ ଏକତା ଦିବସ ଅରବସରେ ଶୁଭେଚ୍ଛା ଜଣାଇ ରାଜ୍ୟପାଳ ରଘୁବର ଦାସ ଜାତୀୟ ଏକତା ଓ ଅଖଣ୍ଡତାର ପ୍ରତୀକ ଲୌହପୁରୁଷ ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସମର୍ପଣ ଭାବକୁ ସ୍ମରଣ କରିବା ଲାଗି ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସମସ୍ତେ ଏକତ୍ରିତ ହୋଇ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି।

ଏହି ଅବସରରେ ଦେଶବାସୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇ ସର୍ଦ୍ଦାର ପଟେଲଙ୍କ ଦୃଢ ଇଚ୍ଛାଶକ୍ତି ଓ ରାଜନୈତିକ କୌଶଳର ପରିଣାମ ସ୍ୱରୂପ ଦେଶୀୟ ରାଜ୍ୟକୁ ଏକ ସଙ୍ଗଠିତ ରାଷ୍ଟ୍ରରେ ପରିବର୍ତ୍ତିତ କରାଯାଇଥିଲା ବୋଲି କହିଛନ୍ତି।

ଭୁବନେଶ୍ୱରରେ ଆଜି ଲୋକସେବା ଭବନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷା ବଜାୟ ରଖିବା ନିମନ୍ତେ ଶପଥ ପାଠ କରିଛନ୍ତି। ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ କହିଛନ୍ତି, ଭାରତର ପ୍ରଥମ ଉପ

ପ୍ରଧାନମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କର ଦୂରଦୃଷ୍ଟି ଓ କାର୍ଯ୍ୟ ପାଇଁ ସମଗ୍ର ଦେଶ ତାଙ୍କ ନିକଟରେ କୃତଜ୍ଞ।

***Desk***

## ମୁଖ୍ୟମନ୍ତ୍ରୀ– ସମୃଦ୍ଧ ଓଡ଼ିଶା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ '୨୦୩୬-ସମୃଦ୍ଧ ଓଡ଼ିଶା ଗଠନ' ପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବା ଲାଗି ଏକ ୱେବପୋର୍ଟାଲର ଉନ୍ମୋଚନ କରିଛନ୍ତି। ୨୦୩୬ ଓ ୨୦୪୭ର ଓଡ଼ିଶା' ଲୋକମାନଙ୍କ ଇଚ୍ଛା ଓ ସ୍ୱପ୍ନର ଏକ ପ୍ରତିଫଳନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୪୭ରେ ବିକଶିତ ଭାରତ ପାଇଁ ଓଡ଼ିଶାର ମହତ୍ତ୍ୱପୂର୍ଣ୍ଣ ଅବଦାନ  ରହିବ। ତେଣୁ ଏହି ଲକ୍ଷ୍ୟ ହାସଲ ପାଇଁ ଏକ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରାଯିବ। ଏଥିପାଇଁ ଜନସାଧାରଣ ନିଜର ସୁଚିନ୍ତିତ ମତାମତ ଦେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା କେବଳ ଏକ ସରକାରୀ ଦସ୍ତାବିଜରେ ସୀମିତ ନ ରହି ଜନସାଧାରଣଙ୍କ ଆକାଂକ୍ଷାର ବାସ୍ତବ ପ୍ରତିଫଳନ ହେବ।

ଜନସାଧାରଣ ୱେବ୍ ପୋର୍ଟାଲ vision.odisha.gov.in କିମ୍ବା ହ୍ୱାଟସ୍ ଆପ୍ ନମ୍ବର ୬୩୭୦୯୫୧୯୨୦ ଅଥବା vision@odisha.gov.in  ଇ-ମେଲ ଜରିଆରେ ରାଜ୍ୟ ସରକାରଙ୍କୁ ଆଜିଠାରୁ  ତିନି ସପ୍ତାହ ମଧ୍ୟରେ ପ୍ରସ୍ତାବ ପଠାଇପାରିବେ।

ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ପରିଚାଳନା କମିଟି ଏବଂ ୬ଟି ସଚିବସ୍ତରୀୟ କମିଟି ଗଠନ କରାଯାଇଛି ।

***Desk/BHK***

## ଦୀପାବଳି

ଆନନ୍ଦ ଓ ଆଲୋକର ପର୍ବ ଦୀପାବଳି ଆଜି ରାଜ୍ୟରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଉଛି। ଏଥିସହ ଦେବୀପୀଠ ଏବଂ ମଣ୍ଡପଗୁଡ଼ିକରେ କାଳୀପୂଜା ଆରମ୍ଭ ହୋଇଛି ।

ପରିବେଶ ଅନୁକୂଳ ଦୀପାବଳି ପାଳନ ପାଇଁ ସରକାର ପ୍ରାଥମିକତା ଦେଇଛନ୍ତି । କେବଳ ସବୁଜ ବାଣକୁ ଅନୁମତି ଦିଆଯାଇଛି । ରାତି ୯ ଯାଏଁ ବାଣ ଫୁଟାଇବାକୁ ଅନୁମତି ମିଳିଥିବା ବେଳେ ତୀବ୍ର ଶବ୍ଦଯୁକ୍ତ ବାଣ ଫୁଟାଇବାକୁ ବାରଣ କରାଯାଇଛି। ବିଶେଷକରି ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ବାଣ ଫୁଟାଇବା ଉପରେ କଟକଣା ଜାରି କରାଯାଇଛି।

ରାଜ୍ୟପାଳ ରଘୁବର ଦାସ ଦୀପାବଳି ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧିର କାମନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୀପାବଳୀ ଅବସରରେ ରାଜ୍ୟବାସୀଙ୍କୁ ଶୁଭକାମନା ଜଣାଇଛନ୍ତି । ସମସ୍ତଙ୍କ ଜୀବନରୁ ଅନ୍ଧକାର

ଦୂର ହେବା ସହ ଜ୍ଞାନର ଅଭ୍ୟୁଦୟ ପାଇଁ ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ଆସନ୍ତାକାଲି ଶ୍ରୀମନ୍ଦିରରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୟାଶ୍ରାଦ୍ଧ ଓ ବଡବଡୁଆ ଡାକ ତଥା ଅମାବାସ୍ୟା ଠାକୁରଙ୍କର ସାଗର ବିଜେ ନୀତି ଅନୁଷ୍ଠିତ ହେବ । ସିଂହଦ୍ୱାର ସମ୍ମୁଖ ବଡଦାଣ୍ଡରେ ପୟାଶ୍ରାଦ୍ଧ ଓ ବଡବଡୁଆ ଡାକିବା ପାଇଁ ଲକ୍ଷାଧିକ  ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ତେବେ ଆଜି ମଧ୍ୟରାତ୍ରିରେ ଶ୍ରୀକ୍ଷେତ୍ରରେ ଥିବା ଶ୍ୟାମାକାଳୀ, ଦକ୍ଷିଣକାଳୀ, ବାଟକାଳୀ ଓ ଗଛକାଳୀଙ୍କ ସମେତ ବୀରଗୋବିନ୍ଦପୁର ଗ୍ରାମରେ ଥିବା ପ୍ରସିଦ୍ଧ ମା'ଦକ୍ଷିଣକାଳୀଙ୍କ ମନ୍ଦିରରେ କାଳିପୂଜା ଲାଗି ଆୟୋଜନ ଚାଲିଛି।

ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଭଦ୍ରକାଳୀ ପୀଠରେ ୭ ଦିନିଆ ମହାଯଜ୍ଞ, ଗୀତାଯଜ୍ଞ ଅନୁଷ୍ଠିତ ହେଉଛି । ଆଜି ମା' ବେଦମାତା ରୂପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

ଅନ୍ୟପକ୍ଷରେ ଆସନ୍ତା ୩ ତାରିଖରେ କଟକରେ କାଳୀ ଭସାଣ ଉତ୍ସବ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଛି । ଭସାଣ ଉତ୍ସବକୁ ଶୀଘ୍ର ଶେଷ କରିବା ଲାଗି ସମୟସୀମା ଧାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ ପୂଜା ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀଙ୍କୁ ଡାକି ନିଷ୍ପତ୍ତି ନେବାକୁ କହିଛନ୍ତି।

*Ganjam*

## ଯକ୍ଷ୍ମା ରୋଗୀ ସହାୟତା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ସମ୍ମିଳନୀ କକ୍ଷରେ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏମ୍‌କେସିଜିର ବିଭିନ୍ନ ବିଭାଗର ବରିଷ୍ଠ ଓ କନିଷ୍ଠ ଡାକ୍ତରମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଯକ୍ଷ୍ମାର ଭୟାବହତା ଏବଂ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତାକାଲିଠାରୁ ଯକ୍ଷ୍ମାରୋଗୀମାନଙ୍କୁ ୧ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

*Sambalpur*

## ହୀରାକୁଦ- ବିଷାକ୍ତ ପଦାର୍ଥ

ହୀରାକୁଦ ଜଳଭଣ୍ଡାର ପଙ୍କୁମାଟିରେ ବିଷାକ୍ତ ପଦାର୍ଥ ମିଶୁଥିବା ଘଟଣାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀମାନଙ୍କ ଠାରୁ ଏ ସମ୍ପର୍କରେ ରିପୋର୍ଟ ତଲବ କରିଥିବା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ପ୍ରଦୂଷଣ ରୋକିବା ନେଇ ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ଅନୁଗୁଳ ଜିଲ୍ଲାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନଙ୍କୁ ନେଇ ଖୁବ୍‌ଶୀଘ୍ର ଏକ ବୈଠକ ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ଅନ୍ୟପକ୍ଷରେ ବାତ୍ୟା 'ଦାନା'ର ସଫଳ ମୁକାବିଲା ନିମନ୍ତେ ରାଜସ୍ୱ ମନ୍ତ୍ରୀ ଏନ୍‌ଡିଆରଏଫ୍, ଓଡ୍ରାଫ, ଅଗ୍ନିଶମ ବିଭାଗ ଓ ଅନ୍ୟ ସମସ୍ତ ବିଭାଗକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ମା' ସମଲେଇଙ୍କ ଆଶୀର୍ବାଦରୁ ଏହା ସଫଳ ହୋଇପାରିଛି।

***Keonjhar***

## ଭୋଟର ତାଲିକ ସଂଶୋଧନ

କେନ୍ଦୁଝରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଜନସାଧାରଣଙ୍କୁ ଏ ବାବଦରେ ସଚେତନ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ବିଶାଳ ସିଂଙ୍କ ନେତୃତ୍ୱରେ ଏକ ପଦଯାତ୍ରା ଆୟୋଜିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, କଲେଜ ଛାତ୍ରଛାତ୍ରୀ ଏବଂ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ। ପ୍ରତିଯୋଗୀମାନଙ୍କ ଦ୍ୱାରା ଆୟୋଜିତ ରଙ୍ଗୋଲୀ ଓ ଝୋଟି ମାଧ୍ୟମରେ ଜନସାଧାରଣଙ୍କୁ ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ସଚେତନ କରାଯାଇଥିଲା।

***Ganjam***

## ଦୁର୍ନୀତି ନିବାରଣ ସପ୍ତାହ

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଛି। ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ

ଏବଂ ଦୁର୍ନୀତି ନିବାରଣ ବିଭାଗର ଅଧିକାରୀମାନେ ଏହି ଅବସରରେ ଦୁର୍ନୀତି ବିରୋଧରେ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଛନ୍ତି ।

***Desk***

## ଗୃହମନ୍ତ୍ରୀ ଆୱାର୍ଡ

୨୦୨୪ ବର୍ଷ ପାଇଁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଏବଂ କେନ୍ଦ୍ରୀୟ ପୋଲିସ ସଂଗଠନର ୪୬୩ ଜଣ ଯବାନଙ୍କୁ **କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷ ପଦକ** ପ୍ରଦାନ କରାଯାଇଛି । ଉତ୍କୃଷ୍ଟ କାର୍ଯ୍ୟକୁ ସ୍ୱୀକୃତି ଦେବା, ଉଚ୍ଚ ବୃତ୍ତିଗତ ମାନକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱତନ୍ତ୍ର ଅଭିଯାନ୍, ତଦନ୍ତ, ବୁଦ୍ଧିମତ୍ତା ଏବଂ ଫରେନସିକ୍ ବିଜ୍ଞାନ କ୍ଷେତ୍ରରେ ଅଧିକାରୀଙ୍କ ମନୋବଳ ବୃଦ୍ଧି କରିବା ଲାଗି ଏହି ପଦକ ପ୍ରଦାନ କରାଯାଇଛି ।